AXIS BANK FOUNDATION

banglanatak.com
CONTACT BASE



# ବାଉଁଶ ଟୋକେଇ (ବାସ୍କେଟ୍ରି)

## ସବୁଜ ସୁନାର ସୌନ୍ଦର୍ଯ୍ୟ ତତ୍ତ୍ୱ

ସରାଇକେଲା, ଖାରସୱାନ୍ - ଝାଡଖଣ୍ଡ
ମୟୂରଭଞ୍ଜ ଏବଂ କୋରାପୁଟ - ଓଡିଶା

> “ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ବାଉଁଶ ହସ୍ତଶୀଳ୍ପର ବ୍ୟବହାର, ସେମାନଙ୍କର ସ୍ଥାୟୀ ଜୀବନଶୈଳୀ ଏବଂ ପ୍ରକୃତି ପ୍ରତି ସମ୍ମାନର ପ୍ରମାଣ
>
> -ମେଧା ପାଟକର

# Roots to Prosperity

# ସମୃଦ୍ଧିର ମୂଳ

ସମୃଦ୍ଧିର ମୂଳ ହେଉଛି କଣ୍ଟାକ୍ଟ ବେସ୍ ଦ୍ୱାରା ପରିଚାଳିତ ଏବଂ ଆକ୍ସିସ୍ ବ୍ୟାଙ୍କ ଫାଉଣ୍ଡେସନ୍ ଦ୍ୱାରା ସମର୍ଥିତ ଏକ ପରିବର୍ତ୍ତନଶୀଳ ଯାତ୍ରା। ଏହି ପଦକ୍ଷେପ ଐତିହ୍ୟ-ଭିତ୍ତିକ ପର୍ଯ୍ୟଟନର ପରିସ୍ଥିତିତନ୍ତ୍ର (ଇକୋସିଷ୍ଟମ) କୁ ସୁଦୃଢ଼ କରିବା ସହିତ ପାରମ୍ପରିକ ସାଂସ୍କୃତିକ ଅଭ୍ୟାସକାରୀମାନଙ୍କୁ ଆତ୍ମବିଶ୍ୱାସୀ ସାଂସ୍କୃତିକ ଉଦ୍ୟୋଗୀ ଭାବରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏହା ଓଡ଼ିଶାର କୋରାପୁଟ ଏବଂ ମୟୂରଭଞ୍ଜ ଜିଲ୍ଲା ଏବଂ ଝାଡ଼ଖଣ୍ଡର ସେରାଇକେଲା-ଖରସାୱାନ ଜିଲ୍ଲାଗୁଡ଼ିକରେ କାର୍ଯ୍ୟ କରେ - ଏହି ଅଞ୍ଚଳଗୁଡ଼ିକରେ ଗଭୀର ଜଳଭଣ୍ଡାର, ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବଣ ଜଙ୍ଗଲ, ଆଦିବାସୀ କଳା ଏବଂ ଜୀବନ୍ତ ପରମ୍ପରାରର ପରିପୂର୍ଣ୍ଣ।

ଏହି ସାଂସ୍କୃତିକ ସମୃଦ୍ଧ ଅଞ୍ଚଳରେ, ଏହି ପ୍ରକଳ୍ପ ୫,୫୦୦ ରୁ ଅଧିକ ଗ୍ରାମୀଣ ସୃଜନଶୀଳ କାରିଗରମାନଙ୍କ ସହ ଏକାତ୍ମତାରେ ଆଗେଇ ଚାଲିଛି। ଏହା ସେମାନଙ୍କ ଦକ୍ଷତାକୁ ସୁଧାରିବା, ସିଧାସଳଖ ବଜାରରେ ପ୍ରବେଶ କରିବା, ଦୃଢ଼ ସମ୍ପ୍ରଦାୟ-ନେତୃତ୍ୱାଧୀନ ଉଦ୍ୟୋଗ ନିର୍ମାଣ କରିବା ଏବଂ ସ୍ପନ୍ଦନଶୀଳ ସାଂସ୍କୃତିକ ପର୍ଯ୍ୟଟନ ଅଭିଜ୍ଞତାକୁ ଆକାର ଦେବାରେ ସମର୍ଥନ କରେ। ଏହି ପ୍ରୟାସର ମୂଳରେ ଏହାର ସ୍ୱୀକୃତି ରହିଛି ଯେ, ସଂସ୍କୃତି କେବଳ ସ୍ମୃତି ନୁହେଁ - ଏହା ପରିଚୟ, ମର୍ଯ୍ୟାଦା ଏବଂ ସମ୍ଭାବନା।

ତୃଣମୂଳ ସ୍ତରର ସୃଜନଶୀଳ ଅର୍ଥନୀତିକୁ ସୁଦୃଢ଼ କରି, ରୁଟ୍ସ ଟୁ ପ୍ରୋସ୍ପେରିଟି ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ସ୍ଥାୟୀ ଜୀବିକା ଏବଂ ସ୍ଥିର ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରେ। ଏହି ପ୍ରୟାସ ସଂସ୍କୃତିକୁ ସଶକ୍ତିକରଣର ଏକ ପଥ ଭାବରେ ଦୃଢ଼ କରିବାକୁ ଚେଷ୍ଟା କରେ - ଯେଉଁଠାରେ ଉତ୍ତରାଧିକାରୀ ଜ୍ଞାନ ଆତ୍ମବିଶ୍ୱାସ, ସ୍ଥିରତା ଏବଂ ସମ୍ପ୍ରଦାୟ ପାଇଁ ଏକ ଅଧିକ ସୁରକ୍ଷିତ ଭବିଷ୍ୟତକୁ ପୋଷଣ କରେ।

ଏହି ବିବରଣୀକାଟି (ବ୍ରୋସର)  ବାଉଁଶ ବୁଣା କାର୍ଯ୍ୟର (ବାସ୍କେଟ୍ରି) ଶତାବ୍ଦୀ ପୁରୁଣା ପରମ୍ପରାକୁ ଉପସ୍ଥାପନ କରେ। ବାଉଁଶ ହସ୍ତଶିଳ୍ପ ପ୍ରଥାଟି ବହୁ ପୁରୁଣା  ଯାହା ଶତାବ୍ଦୀ ଶତାବ୍ଦୀ ଧରି ଭାରତର ସାଂସ୍କୃତିକ ଏବଂ ପରିବେଶଗତ ଐତିହ୍ୟ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ।

# ହସ୍ତଶିଳ୍ପ ବିଷୟରେ ପଦେ

ବାଉଁଶ ଟୋକେଇ ଭାରତୀୟଙ୍କ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବିଶେଷକରି ପୂର୍ବାଞ୍ଚଳଗୁଡ଼ିକରେ, ଯେଉଁଠାରେ ଏହା ଏକ ଲୋକ ସାମଗ୍ରୀ ଏବଂ ପରିବେଶ ମଧ୍ୟରେ ଏକ ଜୀବନ୍ତ ସମ୍ପର୍କକୁ ପ୍ରତିଫଳିତ କରେ। ଗ୍ରାମୀଣ ସମ୍ପ୍ରଦାୟଗୁଡ଼ିକର ପରିବାର ମଧ୍ୟରେ ବାଉଁଶ ବୁଣା କାରୀଗର ମାନଙ୍କ ପ୍ରଦତ୍ତ ଜ୍ଞାନ ମାଧ୍ୟମରେ ଘରୋଇ ସରଞ୍ଜାମ, କୃଷି ଫସଲର ସଂରକ୍ଷଣ ଏବଂ ବିଭିନ୍ନ ଧାର୍ମିକ ଆବଶ୍ୟକତା ପୂରଣ ନିମନ୍ତେ ବିଭିନ୍ନ ପ୍ରକାରର ଟୋକେଇ ତିଆରି କରିବା ପାଇଁ ଦୀର୍ଘ ଦିନ ଧରି ବାଉଁଶ ଉପରେ ନିର୍ଭର କରିଆସୁଛନ୍ତି।

ପୂର୍ବ ଭାରତର କାରିଗରମାନେ ବାଉଁଶ ହସ୍ତଶିଳ୍ପ ବିଷୟରେ ଗଭୀର ଜ୍ଞାନ ରଖନ୍ତି । ଏହାର ସ୍ଥାୟୀତ୍ୱତା, ନମନୀୟତା ଏବଂ ଋତୁକାଳୀନ ଗୁଣବତ୍ତା - ଯାହା କାର୍ଯ୍ୟକ୍ଷମ ଏବଂ ସ୍ଥାୟୀ । ଏହି ଟୋକେଇଗୁଡ଼ିକ ଦୈନନ୍ଦିନ ଘରୋଇ କାର୍ଯ୍ୟ ପାଇଁ ବ୍ୟବହାର ହୁଏ ଏବଂ ବିଭିନ୍ନ ଯାନିଯାତ୍ରା, ବିବାହ ଉତ୍ସବ ଏବଂ ସାମୁହିକ ସମାବେଶରେ ମଧ ବାଉଁଶ ଟୋକେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବାଉଁଶ ସ୍ଥାନୀୟ ଭାବରେ ସଂଗ୍ରହ କରାଯାଏ । କାରୀଗରମାନେ ଯତ୍ନର ସହ ଏପରି କିସମର ବାଉଁଶ ଚୟନ କରନ୍ତି ଯାହା ବୁଣାକାର ମାନଙ୍କ ପାଇଁ ଉପଯୁକ୍ତ, ଯାହା ସ୍ଥାୟୀ ଏବଂ ସମ୍ବଳ-ସମ୍ବେଦନଶୀଳ ଅଭ୍ୟାସଗୁଡ଼ିକୁ ସୁଦୃଢ଼ କରିଥାଏ ।



ପ୍ରାକୃତିକ ଜଙ୍ଗଲ ଏବଂ ଗ୍ରାମାଞ୍ଚଳ  ଜଙ୍ଗଲ ଜମିରେ ବାଉଁଶ ଗଛମାନ ଥାଏ । ପୂର୍ବ ଭାରତରେ ବାଉଁଶ ଟୋକେଇ ଏକ ଜୀବନ୍ତ ଐତିହ୍ୟ ଭାବରେ ଆଜି ମଧ ପ୍ରଚଳିତ ହେଉଛି । ଯେଉଁଠାରେ ବାଉଁଶର ଉପଯୋଗିତା, ସାଂସ୍କୃତିକ ଅର୍ଥ, ଏବଂ ପରିବେଶଗତ ସନ୍ତୁଳନ ଦୈନନ୍ଦିନ ଜୀବନରେ ପରିଦୃଶ୍ୟ ହୋଇଥାଏ ।

ବାଉଁଶ ଟୋକେଇ (ବାସ୍କେଟ୍ରି) । ସେରାଇକେଲା ଖାରସୱାନ୍, ମୟୂରଭଞ୍ଜ ଏବଂ କୋରାପୁଟ |



# ଅବସ୍ଥିତି

ଏହି ବିବରଣୀକାଟିରେ (ବ୍ରୋସର) ଝାଡ଼ଖଣ୍ଡର ସେରାଇକେଲା ଖରସାୱାନ ଜିଲ୍ଲା, ଓଡ଼ିଶାର ମୟୂରଭଞ୍ଜ ଏବଂ କୋରାପୁଟ ଜିଲ୍ଲାରେ ବାସ କରୁଥିବା ବାଉଁଶ ହସ୍ତଶିଳ୍ପ କାରିଗରୀମାନଙ୍କ କାରୀଗରି କାର୍ଯ୍ୟକୁ ଦର୍ଶାଯାଇଛି। ଜଙ୍ଗଲ ପାହାଡ଼, କୃଷି କ୍ଷେତ୍ର ଏବଂ ପ୍ରଚୁର ବାଉଁଶ ସମ୍ପଦ ଦ୍ୱାରା ପରିପୂର୍ଣ୍ଣ ଏହି ଅଞ୍ଚଳଗୁଡ଼ିକ ଜୀବିକା ନିର୍ବାହ ଏବଂ ଜୀବନ୍ତ ପରମ୍ପରା ଭାବରେ ବାଉଁଶ ଟୋକେଇର ବିକାଶ ପାଇଁ ଏକ ଆଦର୍ଶ ପରିବେଶଗତ ଏବଂ ସାଂସ୍କୃତିକ ପରିବେଶ ପ୍ରଦାନ କରେ।

ଓଡ଼ିଶାରେ, କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା, ଦଶମନ୍ତପୁର, ଜୟପୁର, କୁନ୍ଦ୍ରା ଏବଂ ଲକ୍ଷ୍ମୀପୁରରେ ବାଉଁଶ ହସ୍ତଶିଳ୍ପ କାରିଗରୀ ମାନଙ୍କ କ୍ଲଷ୍ଟର ଅଞ୍ଚଳ ଏବଂ ମୟୂରଭଞ୍ଜ ଜିଲ୍ଲାର ଜାମଡା ଏବଂ ରାଇରଙ୍ଗପୁର ମଧ ବାଉଁଶ ହସ୍ତଶିଳ୍ପ କାରିଗରୀ ମାନଙ୍କ କ୍ଲଷ୍ଟର ଅଞ୍ଚଳ ଅଟେ ।

ଝାଡ଼ଖଣ୍ଡର ସେରାଇକେଲା ଖରସାୱାନ ଜିଲ୍ଲାର ନିମଡିହ ଏବଂ କୁକୁ ବ୍ଲକରେ ମଧ ଏହି ବାଉଁଶ ହସ୍ତଶିଳ୍ପର କାରୀଗରୀ ମାନେ  ଉନ୍ନତ ଧରଣର ବାଉଁଶ ବୁଣା କାର୍ଯ୍ୟ କରନ୍ତି ।

ଏହି ଅଞ୍ଚଳଗୁଡ଼ିକ ସମୂହଭାବେ ପ୍ରତିଫଳିତ କରେ ଯେ, ବିଭିନ୍ନ ପ୍ରାକୃତିକ ପରିବେଶ, ଗୋଷ୍ଠୀମାନଙ୍କ ଜ୍ଞାନ ଏବଂ ଦୈନନ୍ଦିନ ଆବଶ୍ୟକତା ପୂରଣ ନିମନ୍ତେ ପୂର୍ବ ଭାରତରେ ବାଉଁଶ ଟୋକେଇକୁ ଏକ ସ୍ଥାୟୀ ହସ୍ତଶିଳ୍ପ ପରମ୍ପରା ଭାବରେ ବଜାୟ ରଖିଛନ୍ତି।

**ବ୍ଲକ୍:** ଝାଡ଼ଖଣ୍ଡର ସେରାଇକେଲା ଖରସାଓ୍ୱାନ ଏବଂ ଓଡିଶାର ମୟୁରଭଞ୍ଜ ଓ କୋରାପୁଟ୍ ଜିଲ୍ଲା ।

**ଗ୍ରାମ:** ସେରାଇକେଲା ଖରସାଓ୍ୱାନର ସୀମା, ଟେଟଲୋ, ମଟକାମଡିହ ଗ୍ରାମ
କୋରାପୁଟର ବନଗୁଡା, ଗୁମି, ଉପର-ତଳମେଟିଙ୍ଗ ଓ କେରମିଟି ଗ୍ରାମ
ମୟୁରଭଞ୍ଜର ଚଣପାଲ ଓ କଣ୍ଡସୋରେ ଗ୍ରାମ

**କିପରି ପହଞ୍ଚିବେ:** ଟାଟାନଗରରୁ ସଡ଼କ ଏବଂ ରେଳପଥରେ, ରାଇରଙ୍ଗପୁରକୁ ୬୬ କିଲୋମିଟର ଏବଂ ନିମଡିହକୁ ୪୭ କିଲୋମିଟରର ଏକ ମନୋରମ ଯାତ୍ରା କରି ମୟୁରଭଞ୍ଜ ଓ ସେରଇକେଲା ଖରସାଓ୍ୱାନ ବାଉଁଶ ହସ୍ତଶିଳ୍ପ କାରୀଗର ମାନଙ୍କ କ୍ଲଷ୍ଟର ଅଞ୍ଚଳକୁ ଯାତାୟତ କରିପାରିବେ ।

କୋରାପୁଟ ଅଞ୍ଚଳ ମଧ ସଡ଼କ ଏବଂ ରେଳ ଦ୍ୱାରା ଭଲ ଭାବରେ ସଂଯୁକ୍ତ। ନିକଟରେ ଜଗଦଲପୁର, ଜୟପୁର ଏବଂ ବିଶାଖାପାଟଣାରେ ବିମାନବନ୍ଦର ଅଛି । ନିୟମିତ ବସ୍ ଏବଂ ଟ୍ୟାକ୍ସି କୋରାପୁଟକୁ ରାୟଗଡା, ନବରଙ୍ଗପୁର ଏବଂ ଜଗଦଲପୁରକୁ ଯାତାୟତ କରେ। ପୂର୍ବ ତଟ କୋରାପୁଟ ରେଳ ଷ୍ଟେସନ ଏହି ଅଞ୍ଚଳର ଏକ ମନୋରମ ଭ୍ରମଣ ପ୍ରଦାନ କରେ ।



# ହସ୍ତଶିଳ୍ପୀ କାରିଗରୀଗଣ



ବାଉଁଶ ହସ୍ତଶିଳ୍ପୀ କାରିଗରମାନେ ପିଡି ପିଡି ଧରି ବାଉଁଶ ହସ୍ତଶିଳ୍ପକୁ ପାରିବାରିକ ପରମ୍ପରା ଭାବରେ ଗ୍ରହଣ କରିଆସୁଛନ୍ତି । ଅଧିକାଂଶ ହସ୍ତଶିଳ୍ପୀମାନେ ବ୍ୟକ୍ତିଗତ ଏବଂ ଘରୋଇ ଆବଶ୍ୟକତା ପାଇଁ ବାଉଁଶର ବିଭିନ୍ନ ଉପକରଣ ମାନ ତିଆରି କରନ୍ତି ଏବଂ କିଛି ଉପକରଣ ଯେପରିକି ଟୋକେଇ କିମ୍ବା ତାଟ (ଟ୍ରେ) ସ୍ଥାନୀୟ ହାଟରେ ବିକ୍ରି ମଧ କରିଥାନ୍ତି ।

ଝାଡ଼ଖଣ୍ଡର ସେରାଇକେଲା-ଖରସାୱାନ ଜିଲ୍ଲାର ନିମଡିହ ବ୍ଲକ, ଯେଉଁଠାରେ ମାହାଲି ସମ୍ପ୍ରଦାୟ ଏହି ବାଉଁଶ ହସ୍ତଶିଳ୍ପ କାର୍ଯ୍ୟରେ ସିଦ୍ଧହସ୍ତ । ଠିକ୍ ସେହିପରି ଓଡିଶାର ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକର କାଣ୍ଡସୋର ଓ ଚାନପାଲ ଗ୍ରାମ; କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକର ବନଗୁଡା ଏବଂ ଗୁମି ଗ୍ରାମ; କୁନ୍ଦ୍ରା ବ୍ଲକର କେରମିଟି ଗ୍ରାମ ଏବଂ ଲକ୍ଷ୍ମୀପୁର ବ୍ଲକର ଉପର-ତଳମେଟିଙ୍ଗ ଗ୍ରାମଗୁଡିକ ମଧ ବାଉଁଶ ହସ୍ତଶିଳ୍ପ କାର୍ଯ୍ୟରେ ସିଦ୍ଧହସ୍ତ ।

ଆଜିମଧ, ଏହି ବାଉଁଶ ହସ୍ତଶିଳ୍ପୀ କାରିଗର ମାନଙ୍କ ବୁଣା ଅଭ୍ୟାସ ମହିଳାମାନଙ୍କ ଦ୍ୱାରା ଗର୍ବର ସହିତ ପରିଚାଳିତା ପ୍ରାକୃତିକ ପରିବେଶରେ ପ୍ରଚୁର ପରିମାଣରେ ଥିବା ବାଉଁଶ ବିଷୟରେ ଏକ ଘନିଷ୍ଠ ବୁଝାମଣା ସହିତ, ଏହି କାରିଗରମାନେ କେବଳ ଟୋକେଇ ବୁଣନ୍ତି ନାହିଁ, ବରଂ ସ୍ଥିରତା, ଐତିହ୍ୟ ଏବଂ ସୃଜନଶୀଳତାର କାହାଣୀ ବୁଣନ୍ତି ।

ଶେଫାଳୀ ମହାଲି : 7870747278
ଜ୍ୟୋସ୍ନା ମହାଲି : 8102167406
ଅନିଲ ମହାଲି : 8292120213
ମଞ୍ଜରୀ ମହାଲି : 9798573254
ମମତା ମିଶ୍ର : 9938814954
ଗାଡୁଆ ହନ୍ତାଲ : 6370986771

# ପ୍ରସ୍ତୁତି କରଣ ପ୍ରକ୍ରିୟା


**୧.** କାଟିବା ଏବଂ ପାତି ତିଆରି କରିବା

କଞ୍ଚା ବାଉଁଶ ସଂଗ୍ରହ କରି ବାଉଁଶ ହସ୍ତଶିଳ୍ପ କାରିଗରୀମାନେ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରନ୍ତି । ଏଥିପାଇଁ ସେମାନେ ବାଉଁଶ ଖମ୍ବଗୁଡ଼ିକୁ ଖଣ୍ଡ ଖଣ୍ଡ କରିବା ପାଇଁ କାତି (ବକ୍ର ଛୁରୀ) ଏବଂ ଘୋଡା (କାଠ ଷ୍ଟାଣ୍ଡ) ପରି ପାରମ୍ପରିକ ଉପକରଣ ବ୍ୟବହାର କରୁଥିଲେ।



କାଟି (ବାକା ଛୁରୀ)

**୨.** ପ୍ରଥମେ, ଏକ କରତ ବ୍ୟବହାର କରି ବାଉଁଶକୁ ଖଣ୍ଡ ଖଣ୍ଡ କରି କାଟି ଦିଆଯାଏ। ସେମାନେ କାତି ବ୍ୟବହାର କରି ବାଉଁଶର ଉପର ସବୁଜ ବାହ୍ୟ ସ୍ତରକୁ ସତର୍କତାର ସହିତ ବାହାର କରନ୍ତି ଏବଂ ତା'ପରେ ହାତ ଦ୍ୱାରା ଏବଂ ସରଳ କାଠ ବ୍ୟବହାର କରି ବାଉଁଶକୁ ବିଭିନ୍ନ ଆକାରର ପାତିରେ ଖଣ୍ଡ ଖଣ୍ଡ କରନ୍ତି । ଖଣ୍ଡ ଖଣ୍ଡ ହେବା ପରେ, ଘୋଡ଼ାରେ ଲାଗିଥିବା କାତି ବ୍ୟବହାର କରି ବାଉଁଶ ପାତିଗୁଡ଼ିକୁ ଛୁରୀ ସାହାଯ୍ୟରେ ପତଳା କରନ୍ତି । ଏହି ପ୍ରସ୍ତୁତି କରଣ ଥିଲା ବାଉଁଶ ବୁଣା କାର୍ଯ୍ୟ ପାଇଁ ସଠିକ୍ ପଦ୍ଧତି । ଖଣ୍ଡ ଖଣ୍ଡ ପଟି ଗୁଡ଼ିକୁ ପାତି କୁହାଯାଏ, ଯାହା ବିଭିନ୍ନ ଆକାରର ଉତ୍ପାଦ ଉପରେ ନିର୍ଭର କରିଥାଏ ।



ଘୋଡ଼ା (କାଠର ଷ୍ଟାଣ୍ଡ)

**୩.** ରଙ୍ଗ କରିବା ଏବଂ ବତରାଇବା (ଭିଜାଇବା)

ପ୍ରଥମେ ଚୁଲିରେ ପାଣି ଗରମ କରାଯାଏ । ତା'ପରେ ରଙ୍ଗ ପାଉଡର ମିଶାଯାଏ । ରଙ୍ଗ ଭଲ ଭାବରେ ମିଶ୍ରିତ ହେବା ପରେ, ବାଉଁଶ ପଟିଗୁଡ଼ିକୁ ଦ୍ରବଣରେ ବୁଡ଼ାଇ ରଖାଯାଏ ଏବଂ ରଙ୍ଗକୁ ସମ୍ପୂର୍ଣ୍ଣ ଶୋଷିତ କରିବା ପର୍ଯ୍ୟନ୍ତ ଭିଜାଇବାକୁ ଛାଡ଼ି ଦିଆଯାଏ । ପରେ, ସାଦା ପାଣିରେ ଧୋଇ ବାଉଁଶ ପଟିରୁ ଅତିରିକ୍ତ ରଙ୍ଗ ବାହାର କରାଯାଏ। ତା' ପରେ ରଙ୍ଗ ବେରଙ୍ଗର ଜିନିଷ ତିଆରି କରାଯାଏ ।

**୪.** ବୁଣା ଏବଂ ଚୂଡାନ୍ତ ପର୍ଯ୍ୟାୟ

ବାଉଁଶ ପାତିଗୁଡ଼ିକୁ ପରସ୍ପର ସହିତ ଯୋଡ଼ିବା, ସାଧାରଣତଃ ପାତିଗୁଡ଼ିକୁ ପରସ୍ପର ସହିତ ଛନ୍ଦା ଛନ୍ଦି (କ୍ରସ୍-କ୍ରସ୍ ପ୍ୟାଟର୍ଣ୍ଣରେ) କରି, ବିଭିନ୍ନ କୌଶଳ ବ୍ୟବହାର କରି, ଢାଞ୍ଚାର ତଳଭାଗରୁ ଆରମ୍ଭ କରି ପାର୍ଶ୍ୱଭିତ୍ତି ଏବଂ କିନାରା (ରିମ୍) ତିଆରି କରନ୍ତି । ବୁଣିବା ସମୟରେ ସହାୟତା ପାଇଁ ଛୋଟ ହାତୁଡ଼ି ବ୍ୟବହାର କରାଯାଏ ଏବଂ ଉତ୍ପାଦକୁ ପଲିସ୍ କରିବା ପାଇଁ ବାଲି କାଗଜ ବ୍ୟବହାର କରାଯାଏ। କେତେକ କ୍ଷେତ୍ରରେ ଡିଜାଇନ୍ ବସ୍ତୁ ତିଆରି ପାଇଁ ଓ ଖଣ୍ଡ ଖଣ୍ଡକୁ ଯୋଡିବା ପାଇଁ ଅଠା ମଧ୍ୟ ବ୍ୟବହାର କରାଯାଇଥାଏ ।












# ଉତ୍ପାଦିତ ସାମଗ୍ରୀ

ପାରମ୍ପରିକ ଭାବରେ, ବାଉଁଶ ଟୋକେଇ ତିଆରି କାରିଗରୀ ଏକ ସ୍ଥାନୀୟ କୁଟୀର ଶିଳ୍ପ ଥିଲା। ଯାହା ଋତୁକାଳୀନ ଚାହିଦା ଉପରେ ଆଧାରିତ ଥିଲା ଏବଂ ଦୈନନ୍ଦିନ ଉପଯୋଗୀତା ଉପରେ ଧ୍ୟାନ କେନ୍ଦ୍ରିତ ଥିଲା। କାରିଗରମାନେ ମୁଖ୍ୟତଃ ସ୍ଥାନୀୟ ଭାବରେ ଉତ୍ପନ୍ନ ବାଉଁଶରୁ ବାକ୍ସ, ଟୋକେଇ ଏବଂ ଅନ୍ୟାନ୍ୟ ଘରୋଇ ଆବଶ୍ୟକୀୟ ଜିନିଷ ତିଆରି କରୁଥିଲେ। ଯାହା ସ୍ୱଭାବତଃ ପରିବେଶ ଅନୁକୂଳ, ଜୈବ-ଅବକ୍ଷୟଶୀଳ ଏବଂ ସ୍ଥାୟୀ ଥିଲା।

ଆଜି, ଏହି କାରିଗରମାନେ ନୂତନ ସୃଜନଶୀଳତା ଏବଂ ବଜାର ପ୍ରତିଯୋଗିତାର ଆହ୍ୱାନକୁ ସାମ୍ନା କରୁଛନ୍ତି। ବାଉଁଶ ର ପାତି ଗୁଡିକୁ ରଙ୍ଗ କରି ଏବଂ କାଠ ସହିତ ଯୋଗ କରି, ସେମାନେ ନିଜ ତିଆରି ସାମଗ୍ରୀର ବିବିଧତାକୁ ବିସ୍ତାର କରିଛନ୍ତି ଏବଂ ବାକ୍ସ, ଟୋକେଇ ସହିତ ଲାମ୍ପସେଡ୍ ଓ କାନ୍ଥରେ ଝୁଲାଇବା ଭଳି ସାଜସଜ୍ଜା ଶୋଭାସାମଗ୍ରୀ ପରି ଆଧୁନିକ ସାଜସଜ୍ଜା ସାମଗ୍ରୀ ମାନଙ୍କୁ ମଧ୍ୟ ସମ୍ମିଳିତ କରିଛନ୍ତି। ଅଭିନବ ବୁଣିବା କୌଶଳ, ଜ୍ୟାମିତିକ ଢାଞ୍ଚା ଏବଂ ପରିଷ୍କୃତ ଡିଜାଇନ୍ ଉପାଦାନ ଗୁଡ଼ିକ ମାଧ୍ୟମରେ ବାଉଁଶ ଟୋକେଇ କାରିଗରୀ ଏକ ବିବିଧମୟ ଓ ସ୍ଥାୟୀ ହସ୍ତଶିଳ୍ପରେ ବିକଶିତ ହୋଇଛି। ଯାହା ପରିବେଶଗତ ଦାୟିତ୍ୱ ଓ ପାରମ୍ପରିକ ଜ୍ଞାନରେ ଆଧାରିତ ରହି ନୂତନ ବଜାର ପାଇଁ ପଥ ପ୍ରସ୍ତୁତ ଖୋଲିଥାଏ।

Scan for
more products




ବାଉଁଶ ଟୋକେଇ (ବାସ୍କେଟ୍ରି) । ସେରାଇକେଲା ଖାରସୱାନ୍, ମୟୂରଭଞ୍ଜ ଏବଂ କୋରାପୁଟ |



ଟୋକେଇ ଏବଂ ପାତ୍ର











ଆଲୋକର ଛାଇ ବତୀ

ବାଉଁଶ ଟୋକେଇ (ବାସ୍କେଟ୍ରି) । ସେରାଇକେଲା ଖାରସୱାନ୍, ମୟୂରଭଞ୍ଜ ଏବଂ କୋରାପୁଟ |



ଅଳଙ୍କାର

AXIS BANK FOUNDATION




# ସମୃଦ୍ଧିର ମୂଳ

କୋରାପୁଟର କାରିଗରମାନଙ୍କର ସଂସ୍କୃତି-ଆଧାରିତ ଜୀବିକା ବୃଦ୍ଧି କରିବା ପାଇଁ ଐତିହ୍ୟ ସଂରକ୍ଷଣ ଓ ସମୁଦାୟ୍ ବିକାଶ କ୍ଷେତ୍ରରେ କାର୍ଯ୍ୟରତ କଲିକତାର ସାମାଜିକ ସଂସ୍ଥା କଣ୍ଟାକ୍ଟ ବେସ୍ "ରୁଟ୍ସ ଟୁ ପ୍ରୋସ୍ପେରିଟି" ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନିମନ୍ତେ ଆକ୍ସିସ୍ ବ୍ୟାଙ୍କ ଫାଉଣ୍ଡେସନ ସହିତ ଅନୁବନ୍ଧିତ ହୋଇଛି।

indiaheritagehaat.com

Heritage4Prosperity

Heritage4Prosperity

banglanatak@gmail.com

+ 91 33 40047484/ 8420106396